# ଶ୍ରୀଅରବିନ୍ଦ ପାଠଚକ୍ର :

## ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ

# ସୂଚନା

ଏହି ପୁସ୍ତିକାରେ ଶ୍ରୀଅରବିନ୍ଦ ପାଠଚକ୍ର-ସ୍ଥାପନାର ଉଦ୍ଦେଶ୍ୟ ଏବଂ ଏହାକୁ ଯଥାର୍ଥଭାବେ ପରିଚାଳିତ କରିବାର ପନ୍ଥା ସମ୍ବନ୍ଧେ ଲେଖକ ଗଭୀର ଆଲୋଚନା କରିଛନ୍ତି । ଇତି ମଧ୍ୟରେ ଓଡ଼ିଶାର ବିଭିନ୍ନ ସହର ଓ ପୁରପଲ୍ଲୀରେ ବହୁ ଶ୍ରୀଅରବିନ୍ଦ ପାଠଚକ୍ର, ମହିଳା ପାଠଚକ୍ର ଏବଂ ଛାତ୍ର ତଥା ଯୁବସମାଜ ପ୍ରତିଷ୍ଠିତ ହୋଇଛି । ଏଗୁଡ଼ିକ କିପରି ଦିବ୍ୟଶକ୍ତିର ସ୍ୱତଃସ୍ଫୂର୍ତ୍ତ କ୍ରିୟା, ଏହି ପୁସ୍ତିକାରେ ତାହା ସ୍ପଷ୍ଟତଃ ପ୍ରତିପାଦିତ ହୋଇଛି ।

— ପ୍ରକାଶକ

# ଶ୍ରୀଅରବିନ୍ଦ ପାଠଚକ୍ର :

## ଅତିମାନସ ଶକ୍ତିର ସକ୍ରିୟ ପ୍ରକାଶ୍ୟ ରୂପ

ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ଶ୍ରୀଅରବିନ୍ଦ ଯୁବ ସମାଜ, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସ୍ଥାପନର ଉଦ୍ଦେଶ୍ୟ, ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ନୁହେଁ, ଏହା ହେଉଛି ଅତିମାନସ ଶକ୍ତିର ସକ୍ରିୟ ବାହ୍ୟ ରୂପ । କିନ୍ତୁ ଆମ୍ଭେମାନେ ଏହି କ୍ରିୟାକୁ ବୁଝି ନ ପାରି, ଦେଖି ନ ପାରି ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରକୁ ନିଜ ଦୃଷ୍ଟି, ପରମ୍ପରାଗତ ସଂସ୍କାର ଅନୁସାରେ ପ୍ରଚାର ବୋଲି ମନେ କରୁଅଛୁ ।

ଆମ୍ଭେମାନେ ପୂର୍ବସଂସ୍କାର, ପୁରାତନ ଯୋଗର ଆଦର୍ଶକୁ ନିଜ ଧାରଣାରୁ ଦୂର କରିଦେଲେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଏବଂ ଅତିମାନସ ଶକ୍ତିର କ୍ରିୟାକୁ ବୁଝି ପାରିବା । ଶ୍ରୀଅରବିନ୍ଦଙ୍କ ଯୋଗରେ ସମସ୍ତ ମାନବଜାତିର କଲ୍ୟାଣ ନିହିତ ଅଛି, ସେଥିସକାଶେ ସମସ୍ତ ସଂସାରରେ ଏହି ଆଦର୍ଶ ପ୍ରସାରିତ ହେବା କେବଳ ଆବଶ୍ୟକ ନୁହେଁ, ଅନିବାର୍ଯ୍ୟ ।

ଏହାର ଦୁଇଟି ଦିଗ : ଗୋଟିଏ ଦିଗ ହେଲା କର୍ମ ଆଚରଣ କରିବା, ଅନ୍ୟଟି ଆଚରିତ କର୍ମଧାରାର ଯଥାର୍ଥ ଉଦ୍ଦେଶ୍ୟକୁ ସାହିତ୍ୟ ମାଧ୍ୟମରେ ବୁଝାଇବା । ସେଥିପାଇଁ ଆଶ୍ରମରେ କର୍ମାନୁଷ୍ଠାନ କରାହେଉଛି ଏବଂ ପ୍ରେସ୍ ସ୍ଥାପିତ ହୋଇ ସାହିତ୍ୟର ପ୍ରକାଶନ ଏବଂ ବିକ୍ରିର ବ୍ୟବସ୍ଥା କରା ହୋଇଛି; ଯେଉଁ ସାହିତ୍ୟ ଦ୍ୱାରା ବ୍ୟକ୍ତି ଶ୍ରୀଅରବିନ୍ଦ ଆଶ୍ରମରେ ଆଚରିତ କର୍ମର ଉଦ୍ଦେଶ୍ୟ ବୁଝିପାରିବେ ଏବଂ ଆଚରଣ କରି ପାରିବେ । ପ୍ରତ୍ୟେକ ବ୍ୟକ୍ତି ପକ୍ଷରେ ଆଶ୍ରମକୁ ଆସିବା ସମ୍ଭବ ନୁହେଁ । ଏଣୁ ବିଭିନ୍ନ ସ୍ଥାନରେ ପାଠଚକ୍ର ସ୍ଥାପିତ ହୋଇ ଶ୍ରୀଅରବିନ୍ଦଙ୍କ ଯୋଗ ସମ୍ବନ୍ଧୀୟ ସାହିତ୍ୟ ପ୍ରଚାରିତ ହେଲେ ସାଧାରଣ ବ୍ୟକ୍ତିଙ୍କର ଶ୍ରୀଅରବିନ୍ଦଙ୍କ ଆଦର୍ଶ ବୁଝିବା ସହଜ ହେବ ।

ପ୍ରଶ୍ନ : ଏପରି ପ୍ରଚାର ପୂର୍ବେ ବହୁତ ହୋଇଛି, ତାହାର କୌଣସି ସ୍ଥାୟୀ ପରିଣାମ ହୋଇ ନାହିଁ, ଏଥିରେ ସ୍ଥାୟୀ ପରିଣାମ ହେବ ବୋଲି ଆମେ କିପରି ବିଶ୍ୱାସ କରିବା ?

ଉତ୍ତର : ଏହି ପ୍ରଚାରକୁ ସକ୍ରିୟ ଅତିମାନସ ଶକ୍ତି ଧାରଣ କରି ରହିଅଛି । ସେହି ସକାଶେ ଏହାର ପରିଣାମ ସ୍ଥାୟୀହୋଇ ରହିବ । ବର୍ତ୍ତମାନ ସଂସାରରେ ମନବିଶିଷ୍ଟ ମାନବ ଯେପରି ପ୍ରତିଷ୍ଠା ଲାଭକରିଛି ସେହିପରି ଅତିମାନସ ଚେତନାଯୁକ୍ତ ଅତିମାନବ ଜାତି ପୃଥିବୀରେ ପ୍ରତିଷ୍ଠିତ ହେବ । ପ୍ରକୃତରେ ଏହା ବାହ୍ୟ ପ୍ରଚାର ନୁହେଁ, ବରଂ ଏହା ଅନ୍ତରରେ ଅତିମାନସ-ଶକ୍ତିର କାର୍ଯ୍ୟକାରୀ ବାହ୍ୟ ରୂପ । ଶ୍ରୀଅରବିନ୍ଦଙ୍କ ଆଦର୍ଶ ଯେପରି ପ୍ରସାର ଲାଭ କରୁଛି ତାହା ମୂଳରେ ବ୍ୟକ୍ତିର ମନ ବୁଦ୍ଧି ନିର୍ମିତ ବ୍ୟବସ୍ଥା ନାହିଁ, ବ୍ୟବସ୍ଥା ଅଛି କେବଳ ଭଗବାନଙ୍କ ଅତିମାନସ-ଶକ୍ତିର । ସେହି ଶକ୍ତି ଯେଉଁମାନଙ୍କ ମଧ୍ୟରେ କିଛି ଅଂଶରେ ପ୍ରକାଶିତ ହୋଇ ପ୍ରେରଣା ଦେଉଅଛି ତାହା ବ୍ୟକ୍ତିର ଜ୍ଞାତ ଅଥବା ଅଜ୍ଞାତରେ ସ୍ୱତଃସ୍ଫୂର୍ତ୍ତ ଭାବରେ କ୍ରିୟାରେ ପରିଣତ ହେଉଅଛି । ବହୁତ ସମୟରେ କେତେକ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ କାର୍ଯ୍ୟ କରନ୍ତି, ଏପରିକି ସେମାନେ ଜାଣନ୍ତି ନାହିଁ, ସେମାନେ କାହିଁକି ଏ କାର୍ଯ୍ୟ କରୁଅଛନ୍ତି । ଆମ୍ଭେମାନେ ଯେଉଁ କର୍ମକୁ ଦେଖି ପ୍ରଚାର ବୋଲି କହୁଛୁ ତାହା କେବଳ ଅତିମାନସ-ଶକ୍ତିର କାର୍ଯ୍ୟକାରୀ ପ୍ରକାଶ ମାତ୍ର । ତାହାର ମୂଳରେ ବା କର୍ମର ପଶ୍ଚାତରେ ଯେଉଁ ଶକ୍ତି କାର୍ଯ୍ୟ କରୁଅଛି ଆମ୍ଭେମାନେ ତାକୁ ନ ଦେଖି କେବଳ ବାହ୍ୟ କର୍ମକୁ ଦେଖୁଅଛୁ, ସେଥିପାଇଁ କର୍ମର ରହସ୍ୟ ବୁଝିବାରେ ଅସମର୍ଥ ହେଉଅଛୁ ।

ଏହାକୁ ପ୍ରଚାର କୁହା ହୁଅନ୍ତା ଯଦି ଏହି କାର୍ଯ୍ୟର ମୂଳରେ ବ୍ୟବସ୍ଥାପକ ବ୍ୟକ୍ତି କେହି ରହି ବ୍ୟବସ୍ଥା କରୁଥାଆନ୍ତା, କିନ୍ତୁ ଆଶ୍ରମରେ ଏହାର ପୂର୍ଣ୍ଣ ବିପରୀତ । ଶ୍ରୀମା ଶ୍ରୀଅରବିନ୍ଦ କେବେ ବି ପ୍ରଚାର କରିବାର ବ୍ୟବସ୍ଥା କରି ନାହାନ୍ତି; କିଂବା ସ୍ୱୟଂ କୌଣସି ସଂସ୍ଥା ସ୍ଥାପନ କରି ନାହାନ୍ତି, କୌଣସି ବ୍ୟକ୍ତିକୁ କେବେ ବି ପ୍ରଚାର ସକାଶେ ନିର୍ଦ୍ଦେଶ ଦେଇ ନାହାନ୍ତି ଅଥବା ନିଯୁକ୍ତ କରି ନାହାନ୍ତି । ସେ ସ୍ୱୟଂ କିଛି ନ କରିବା ସତ୍ତ୍ୱେ ବି କୌଣସି ବ୍ୟକ୍ତିର ଉତ୍ତରରେ କହିଥିଲେ,

''ସମୟ ଆସୁଛି ପାଠଚକ୍ର ପ୍ରତ୍ୟେକ ସହରରେ ନୁହେଁ, ପ୍ରତ୍ୟେକ ଗ୍ରାମରେ ଓ ଘରେ ଘରେ ହେବ ।'' ଆଶ୍ରମ ଆରମ୍ଭରୁ ଦେଖିଲେ ବୁଝିପାରିବା ଆଶ୍ରମର ଏହି ଯେଉଁ କର୍ମ କ୍ଷେତ୍ରର ପ୍ରସାର ଆଜି ଆମ୍ଭେମାନେ ଦେଖୁଥାଇଁ ସେସବୁ ସ୍ୱତଃସ୍ଫୂର୍ତ୍ତ ଭାବରେ ଗଢ଼ି ଉଠିଛି ।

ଆଶ୍ରମକୁ ପ୍ରଥମେ କିଛି ପିଲା ଆସିବାରୁ ଜଣେ ବ୍ୟକ୍ତି ମା'ଙ୍କ ଅନୁମତି ନେଇ ଆଶ୍ରମ ନାମରେ ଘର ଖର୍ଦ୍ଦି କରି ସ୍କୁଲ ଆରମ୍ଭ କରିବା ସକାଶେ ମା'ଙ୍କୁ ପ୍ରାର୍ଥନା କଲେ । ମା'ଙ୍କ ନିର୍ଦ୍ଦେଶରେ ସ୍କୁଲ ଆରମ୍ଭ ହେଲା । ଆଜି ସେହି ସ୍କୁଲ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ପରିଣତ ହୋଇଅଛି । ଏହିପରି ଜଣେ ଅବସର ପ୍ରାପ୍ତ ପ୍ରେସ୍ ମ୍ୟାନେଜର ଆସି ଆଶ୍ରମରେ ରହିଲେ; ପରେ ମା'ଙ୍କଠାରୁ ଅନୁମତି ନେଇ ପ୍ରେସ୍ ସ୍ଥାପନା କରାଇ ଦେଲେ । ସେହି ପ୍ରେସ୍ ଆଜି ଭାରତର ବଡ଼ ବଡ଼ ପ୍ରେସ୍ ମଧ୍ୟରେ ଗୋଟିଏ ବୋଲି କୁହାଯାଇପାରେ । ଏହା ଛଡ଼ା ପ୍ରାନ୍ତୀୟ ଭାଷାରେ ଯେଉଁସବୁ ପତ୍ରିକା ଏବଂ ମା' ଓ ଶ୍ରୀଅରବିନ୍ଦଙ୍କ ସାହିତ୍ୟର ଯେଉଁ ଅନୁବାଦ-ସାହିତ୍ୟ ପ୍ରକାଶିତ ହେଉଅଛି, ଏସବୁ ସ୍ୱତଃସ୍ଫୂର୍ତ୍ତ ଓ ଆଶ୍ଚର୍ଯ୍ୟଜନକ ଭାବରେ ହୋଇଅଛି, ଯାହା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର ସକାଶେ ଅନିବାର୍ଯ୍ୟ ଥିଲା । ଓଡ଼ିଆ ସାହିତ୍ୟ ଆଉ 'ନବଜ୍ୟୋତି' ପ୍ରକାଶନର ଆରମ୍ଭ ଅବସ୍ଥା ଦେଖିଲେ ବିସ୍ମିତ ହୋଇ ଯିବାକୁ ହୁଏ । ଏହି କାର୍ଯ୍ୟକୁ ଯେପରି କୌଣସି ଅଦୃଶ୍ୟ ଶକ୍ତି ବଳପୂର୍ବକ କରାଇ ନେଉଅଛି ବୋଲି ପ୍ରତୀତ ହୁଏ । ଭାରତର ବିଭିନ୍ନ ପ୍ରାନ୍ତରେ ଏବଂ ବିଦେଶରେ ଯେଉଁସବୁ ପାଠଚକ୍ର ସ୍ଥାପିତ ହୋଇଅଛି, ଏଥିରେ କେବଳ ସେହି ଅଦୃଶ୍ୟ ଅତିମାନସ ଶକ୍ତିର ପ୍ରେରଣା ରହିଛି, ଏଥିରେ ସନ୍ଦେହ ନାହିଁ ।

ସଂସାରରେ ଯେତେବେଳେ କୌଣସି ଅଧ୍ୟାତ୍ମ-ସତ୍ୟର ପ୍ରସାର ହେବାର ସମୟ ଆସେ, ସେତେବେଳେ ଭଗବାନଙ୍କ ସଙ୍କଳ୍ପରେ ଆଚାର୍ଯ୍ୟମାନେ ପୃଥିବୀକୁ ଆସି ସ୍ୱୟଂ ପଦଯାତ୍ରାରେ ଭ୍ରମଣ କରି ନିଜ ମତ ପ୍ରଚାର ସକାଶେ ବିଭିନ୍ନ ସ୍ଥାନରେ ମଠ ପ୍ରତିଷ୍ଠା କରନ୍ତି, ଅନ୍ୟାନ୍ୟ ଧର୍ମାନୁଷ୍ଠାନରେ ପଣ୍ଡିତମାନଙ୍କ ସହିତ ଶାସ୍ତ୍ରାର୍ଥ କରି ତାଙ୍କୁ ପ୍ରରାସ୍ତ କରି ନିଜ ମତ ସ୍ଥାପନା କରନ୍ତି । ଆଚାର୍ଯ୍ୟମାନଙ୍କ ମତ ପ୍ରଚାର ସେମାନଙ୍କ ବ୍ୟକ୍ତିଗତ କାର୍ଯ୍ୟ ନୁହେଁ, ଏହା ଭାଗବତ ସଙ୍କଳ୍ପ; କିନ୍ତୁ ସେସମୟରେ ସେମାନଙ୍କୁ ସ୍ୱୟଂ ଯାଇ କ୍ରିୟାତ୍ମକରୂପେ କରିବାକୁ ହେଉଥିଲା, କାରଣ ସେହି ନିର୍ଦ୍ଦିଷ୍ଟ ସମୟରେ ସେହି ପ୍ରକାର କ୍ରିୟାର ଆବଶ୍ୟକତା ଥିଲା । ଶ୍ରୀମା' ଓ ଶ୍ରୀଅରବିନ୍ଦଙ୍କ ଯୋଗ ସଂସାରର କଲ୍ୟାଣ ସକାଶେ, ଏଣୁ ସମଗ୍ର ସଂସାରରେ ତାହା ପ୍ରଚାରିତ ହେବା ଆବଶ୍ୟକ । କିନ୍ତୁ ଏହି କାର୍ଯ୍ୟ ସକାଶେ ଯାହା ଭଗବାନଙ୍କ ସଙ୍କଳ୍ପ ତାହା ମା' ଓ ଶ୍ରୀଅରବିନ୍ଦଙ୍କ ମଧ୍ୟଦେଇ ଅତିମାନସ ଶକ୍ତି ଦ୍ୱାରା କାର୍ଯ୍ୟରେ ପରିଣତ ହେଉଅଛି । ସେଥିପାଇଁ ମା' ଓ ଶ୍ରୀଅରବିନ୍ଦଙ୍କୁ କ୍ରିୟାତ୍ମକରୂପେ କର୍ମ-ସମ୍ପାଦନ କରିବାକୁ ହେଉ ନାହିଁ କିଂବା କୌଣସି ସଂସ୍ଥା ନିର୍ମାଣ କରିବାକୁ କୌଣସି ବ୍ୟକ୍ତିକୁ ନିର୍ଦ୍ଦେଶ ଦେବାକୁ ପଡୁ ନାହିଁ । ସେମାନେ ଅତିମାନସ ଶକ୍ତିର ଅବତରଣ ମାର୍ଗରୁ ବାଧାଦାନକାରୀ ବିରୋଧୀ ଶକ୍ତିକୁ ବିତାଡ଼ିତ କରି ଅଧିକାଧିକ ଅତିମାନସ ଶକ୍ତିକୁ ଅବତରଣ କରାଇ ଆଣୁଅଛନ୍ତି । ସେହି ଅତିମାନସ ଶକ୍ତି ମା'ଙ୍କ ମଧ୍ୟଦେଇ ଜଗତରେ କ୍ରିୟା କରୁଅଛି । ଯେଉଁ ବ୍ୟକ୍ତି ତାହା ପ୍ରତି ଯେତେ ପରିମାଣରେ ଉନ୍ମୁକ୍ତ ରହି ପାରୁଛି ସେ ସେତେ ପରିମାଣରେ ଅତିମାନସ ଶକ୍ତିର ପ୍ରଭାବ ଗ୍ରହଣ କରିପାରୁଛି ଏବଂ ତାହାରି ପ୍ରେରଣାରେ ବ୍ୟକ୍ତି କାର୍ଯ୍ୟରେ ତତ୍ପର ହେଉଅଛି ।

ପ୍ରଶ୍ନ : ମା'ଙ୍କ ଦ୍ୱାରା ଅତିମାନସ ଶକ୍ତି ସଂସାରରେ କ୍ରିୟା କରୁଅଛି, ଶ୍ରୀଅରବିନ୍ଦଙ୍କ ଆଦର୍ଶ ସିଦ୍ଧ ହେବ ସ୍ୱତଃସ୍ଫୂର୍ତ୍ତ ଭାବରେ, ପୁଣି ଆମ୍ଭମାନଙ୍କର ପ୍ରଯତ୍ନ କରିବା ବା ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରଚାର କରିବାର ଆବଶ୍ୟକତା କ'ଣ ?

ଉତ୍ତର : ବ୍ୟକ୍ତିର ଆବଶ୍ୟକତା ନାହିଁ, ତାହା ହେଉଛି ଏବଂ ହେବ ସ୍ୱତଃସ୍ଫୂର୍ତ୍ତ ଭାବରେ । କିନ୍ତୁ ତୁମ୍ଭମାନଙ୍କ ଦ୍ୱାରା ଯଦି ଶ୍ରୀଅରବିନ୍ଦଙ୍କ ଆଦର୍ଶର ପ୍ରଚାର ହୁଏ, ତାହା ଆବଶ୍ୟକତା ଯୋଗୁଁ ତୁମ୍ଭେମାନେ କର ନାହିଁ, ତୁମ୍ଭେମାନେ ତାହା କର ସହଜଭାବେ ସେହି ଶକ୍ତିର ଅଜ୍ଞାତ ପ୍ରେରଣାରେ । ତୁମ୍ଭେମାନେ ଦେଖିପାର, ଯେପରି କେହି ବରାବର ଏହି କାର୍ଯ୍ୟ ତୁମ୍ଭମାନଙ୍କ ଦ୍ୱାରା କରାଇ ନେଇ ଯାଉଅଛି ।

ପ୍ରଶ୍ନ : ଯଦି ଅତିମାନସ ଶକ୍ତିର ପ୍ରେରଣାରେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ପ୍ରସାରର ସମସ୍ତ କାର୍ଯ୍ୟ ହେଉଛି, ତେବେ

ପାଠଚକ୍ରରେ କୌଣସି ନିୟମ ବା ପ୍ରଣାଳୀ ଅନୁସରଣ କରିବାର ଆବଶ୍ୟକତା କ'ଣ ? ଯଦି କୌଣସି ବ୍ୟକ୍ତି କିଛି ଅଂଶରେ ଅତିମାନସ ଶକ୍ତିର ପ୍ରଭାବ ସ୍ୱୀକାର କରେ, ସେ ସ୍ୱତଃ ନିୟମ ପାଳନ କରିବ, ପୁନଶ୍ଚ ସଙ୍ଗଠନ ଓ ବ୍ୟବସ୍ଥାର ଆବଶ୍ୟକତା କ'ଣ ?

ଉତ୍ତର : ବ୍ୟବସ୍ଥା, ନିୟମକୁ ଅତିମାନସ ଶକ୍ତିର କ୍ରିୟାରୁ ବାଦ୍ ଦେଉଛନ୍ତି କାହିଁକି ? କ'ଣ ମନେ କରିଛନ୍ତି ଅତିମାନସ ଶକ୍ତିର କ୍ରିୟା ଅବ୍ୟବସ୍ଥିତ ? ସେପରି ନୁହେଁ, ସେଥିରେ ସମସ୍ତ ଶୃଙ୍ଖଳା ବିଧିବଦ୍ଧ ଭାବରେ ରହିଅଛି । ବାହ୍ୟ ନିୟମ ଓ ଅତିମାନସ ନିୟମରେ ପାର୍ଥକ୍ୟ ହେଉଛି ଏହି ଯେ ବାହ୍ୟ ନିୟମ ବ୍ୟକ୍ତି ଉପରେ ଲଦି ଦିଆହୁଏ, ସେ ତାକୁ ବାଧ ହୋଇ ପାଳନ କରେ; ଅତିମାନସ ଶକ୍ତି ଦ୍ୱାରା ନିର୍ଦ୍ଧାରିତ ନିୟମ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତଭାବେ ଆନନ୍ଦ ଓ ଉତ୍ସାହରେ ପାଳନ କରେ । ବାହ୍ୟ ନିୟମ ଆଉ ଅତିମାନସ ନିର୍ଦ୍ଧାରିତ ନିୟମ, ଏହି ଉଭୟ ବ୍ୟବସ୍ଥିତ ହୁଏ କୌଣସି ସଂସ୍ଥା ମଧ୍ୟ ଦେଇ କୌଣସି ବ୍ୟକ୍ତି ଦ୍ୱାରା । ବାହ୍ୟ କର୍ମର ବ୍ୟବସ୍ଥିତ ସଂସ୍ଥା ପ୍ରତିଷ୍ଠିତ ହୁଏ ମନୁଷ୍ୟର ବାହ୍ୟ ପ୍ରଯତ୍ନ ଦ୍ୱାରା; ଅତିମାନସିକ ଭାଗବତ ସଂକଳ୍ପିତ ସଂସ୍ଥା ମନୁଷ୍ୟର ବାହ୍ୟ ପ୍ରଯତ୍ନରେ ସ୍ଥାପିତ ହୁଏ ନାହିଁ, ହୁଏ ଭାଗବତ ସଂକଳ୍ପ ଅନୁସାରେ ଅତିମାନସ ଶକ୍ତିର ଅନ୍ତର ପ୍ରେରଣା ଦ୍ୱାରା । ଏହାର ଉଦାହରଣ ଆଶ୍ରମ । ଆଶ୍ରମର ନିର୍ମାଣ, ଆଶ୍ରମର କର୍ମ-ପ୍ରସାର ସ୍ୱତଃ ହୋଇଅଛି । ଏ ବିଷୟରେ ପୂର୍ବେ ଆଲୋଚନା କରା ହୋଇଅଛି । ଆଶ୍ରମ ସାଧକଙ୍କୁ କୌଣସି ନିର୍ଦ୍ଦିଷ୍ଟ ନିୟମ ପାଳନ କରିବାକୁ ନିର୍ଦ୍ଦେଶ ଦିଆହୁଏ ନାହିଁ, ସେ ସ୍ୱତନ୍ତ୍ର, ତଥାପି ସ୍ୱେଚ୍ଛାରେ ସେ ସମସ୍ତ ନିୟମ ପାଳନ କରନ୍ତି । ଆଶ୍ରମରେ ଯଥାର୍ଥରେ ନିୟମ ପାଳନର ବ୍ୟବସ୍ଥା ନାହିଁ, ସବୁ ହେଉଛି ସ୍ୱତଃସ୍ଫୂର୍ତ୍ତ ଭାବରେ । ଏହାହିଁ ଅତିମାନସ ଜଗତର ପୂର୍ବ ସୂଚନା । ଅତିମାନସ ଜଗତରେ ସମସ୍ତ ନିୟମ ପାଳିତ ହେବ ସ୍ୱେଚ୍ଛାରେ ।

ପ୍ରଶ୍ନ : ଅତିମାନସ ଶକ୍ତିର କ୍ରିୟା ଦ୍ୱାରା ପାଠଚକ୍ର ସ୍ଥାପିତ ହେଲା ଅଥବା ବ୍ୟକ୍ତିମାନେ ସାଧନାରେ ପ୍ରବୃତ୍ତ ହେଲେ ଏହା ତ' ଠିକ୍, କିନ୍ତୁ ବହି ବିକ୍ରୟ ବ୍ୟବସ୍ଥା, ସଭାରେ ଭାଷଣ ଦେଇ ଶ୍ରୀଅରବିନ୍ଦଙ୍କ ଯୋଗ ବୁଝାଇବା, ଏହି ସବୁ ପ୍ରଚାରର ଲକ୍ଷଣ; ଏପରି କରିବାର ଆବଶ୍ୟକତା କ'ଣ ?

ଉତ୍ତର : ବହି ବିକ୍ରି, ସଭାରେ ଭାଷଣ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗ ବୁଝାଇବା – ଏସବୁକୁ ଅତିମାନସ ଶକ୍ତିର ପ୍ରେରଣାରୁ ବାଦ୍ ଦେଉଛନ୍ତି କାହିଁକି ? ଅତିମାନସ ଶକ୍ତିର କ୍ରିୟା ଦ୍ୱାରା ଯେଉଁ ପରିବର୍ତ୍ତନ ଆସୁଛି ତାହା ହଠାତ୍ ଆଶ୍ଚର୍ଯ୍ୟଜନକ ଭାବରେ କିଛି ସ୍ୱର୍ଗରୁ ଉତରି ଆସିବ ନାହିଁ, ତାହା ହେବ ମନୁଷ୍ୟ ମଧ୍ୟଦେଇ । ସଂସାରର ସମସ୍ତ ବ୍ୟକ୍ତିଙ୍କ ଚେତନା ସମାନ ଭାବରେ ବିକଶିତ ହୋଇ ନାହିଁ । ଯେଉଁମାନଙ୍କ ଚେତନା ଅଧିକ ବିକଶିତ ହୋଇଛି ସେହିମାନେ ଅତିମାନସ କ୍ରିୟାର ପ୍ରଭାବକୁ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଯେଉଁମାନଙ୍କ ଚେତନା ବିକଶିତ ହୋଇ ନାହିଁ ଓ ଏହି ଶକ୍ତିର ସାଧିତ ଜଗତ କଲ୍ୟାଣକାରୀ ଉଦ୍ଦେଶ୍ୟକୁ ବୁଝି ନାହାନ୍ତି, ସେମାନଙ୍କୁ ବୁଝାଇ ଦେବେ । ଏହି କାର୍ଯ୍ୟ ହୋଇପାରେ ସାହିତ୍ୟ ଏବଂ ଭାଷଣ ଦ୍ୱାରା ବୁଝାଇ ଦେବାରେ । ଯେଉଁମାନେ ଏକାର୍ଯ୍ୟ କରୁଛନ୍ତି ସେମାନେ ଯଦି ଅଧିକ ସଚେତ ହେବାକୁ ଇଚ୍ଛା କରିବେ ତେବେ ବୁଝିପାରିବେ, କୌଣସି ଅଜ୍ଞାତ ଶକ୍ତିର ପ୍ରେରଣାରେ ସେମାନେ ଯନ୍ତ୍ରବତ୍ କାର୍ଯ୍ୟ କରି ଯାଉଅଛନ୍ତି ।

ଶ୍ରୀଅରବିନ୍ଦଙ୍କ ଆଦର୍ଶ ଦ୍ୱାରା ଜଗତର କଲ୍ୟାଣ ସାଧିତ ହେଉଅଛି ଭଗବାନଙ୍କ ସଙ୍କଳ୍ପରୁ । ଯଥାର୍ଥରେ ଭଗବାନଙ୍କ ସଙ୍କଳ୍ପ କ୍ରିୟାଶୀଳ ହେଉଥିବାରୁ ଶ୍ରୀଅରବିନ୍ଦଙ୍କ ଯୋଗ ଭଗବାନଙ୍କ ସକାଶେ, ସାଧକର ନିଜ ସକାଶେ ନୁହେଁ ବୋଲି କୁହାଯାଏ । ଏହି କାରଣରୁ ଏହି ଯୋଗର ଅନିବାର୍ଯ୍ୟ ସିଦ୍ଧାନ୍ତ ହେଉଛି – ସାଧକ ଦ୍ୱାରା ବାସନ ମାଜିବା, ଝାଡୁ ଲଗାଇବାଠାରୁ ଆରମ୍ଭ କରି ଲୋକ ଦୃଷ୍ଟିରେ ବଡ଼ରୁ ଆହୁରି ବଡ଼ କାର୍ଯ୍ୟ ପର୍ଯ୍ୟନ୍ତ ସମସ୍ତ ଭଗବାନଙ୍କର ସେବା । ସାଧାରଣ ବ୍ୟକ୍ତି ଯାହାକୁ ପ୍ରଚାର କାର୍ଯ୍ୟ କୁହନ୍ତି, ସାଧକ ସେହି କାର୍ଯ୍ୟକୁ ଯଦି ପ୍ରଚାର ବୋଲି ଧାରଣା କରେ ତେବେ ସେ ସାଧନାରୁ ଦୂରକୁ ହଟିଯାଏ; ସେହି କାର୍ଯ୍ୟକୁ ଭଗବାନଙ୍କ ସେବା, ଅତିମାନସ ଶକ୍ତିର ଯନ୍ତ୍ର ଭାବରେ କଲେ ସେହି କର୍ମ ଦ୍ୱାରା ସେ ସାଧନା ମାର୍ଗରେ ଅତି ତୀବ୍ରତାର ସହ ଅଗ୍ରସର ହୋଇ ଲକ୍ଷ୍ୟ ପ୍ରାପ୍ତ ହୁଏ । ଏହି ଯୋଗରେ ସମସ୍ତ ବିହିତ କର୍ମ ସାଧିତ ହୋଇପାରେ, ଯେବେ ସାଧକ ଏହିପରି ସଚେତ ହୋଇ କର୍ମ କରେ । ଏହାର ଉଦାହରଣ ଆଶ୍ରମ । ଆମ୍ଭେମାନେ ଆଶ୍ରମର କର୍ମରୁ ପାଠଚକ୍ରର ଉଦ୍ଦେଶ୍ୟ ବୁଝିପାରିବା ।

## ଆଶ୍ରମର ଉଦ୍ଦେଶ୍ୟ :

ଶ୍ରୀଅରବିନ୍ଦ ଆଶ୍ରମର ଲକ୍ଷ୍ୟ ସଂସାରକୁ ମାୟା, ମିଥ୍ୟା, କର୍ମକୁ ବନ୍ଧନ ଘୋଷଣା କରି, ଏ ସବୁକୁ ତ୍ୟାଗ କରି, ଏହି ମୃତ୍ୟୁପୁରୀରୁ ଭିନ୍ନ ନିଷ୍କ୍ରିୟ ନିର୍ବିଶେଷ ସତ୍ତାରେ, ନଦୀ ସମୁଦ୍ରରେ ମିଶିଯିବା ସଦୃଶ ବିଲୀନ ହେବା ନୁହେଁ କିଂବା ମୃତ୍ୟୁ ପରେ ଭଗବତ୍ ଦିବ୍ୟ ଲୋକରେ, ସାମୀପ୍ୟ, ସାଲୋକ୍ୟ, ସାଯୁଜ୍ୟ, ସାରୂପ୍ୟାଦି ମୁକ୍ତି ପ୍ରାପ୍ତ କରିବା ନୁହେଁ । ଶ୍ରୀଅରବିନ୍ଦ ଆଶ୍ରମ ଶିକ୍ଷାର ଉଦ୍ଦେଶ୍ୟ,— ଏହି ଶରୀରକୁ ତ୍ୟାଗ କରିବାକୁ ହେବ ନାହିଁ; ଏହି ମନ, ପ୍ରାଣ ବିଶିଷ୍ଟ ପାର୍ଥିବ ଶରୀରକୁ ତା'ର ମୂଳ ଚିନ୍ମୟ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ କରିବାକୁ ହେବ, ଯାହାର ପରିଣାମ ହେବ ରୋଗ, ଜରା, ମୃତ୍ୟୁରୁ ପୂର୍ଣ୍ଣ ମୁକ୍ତି ଅଜ୍ଞାନ ଅନ୍ଧକାର ଶକ୍ତିର କ୍ରିୟା — କାମ, କ୍ରୋଧ, ଲୋଭ, ମୋହ, ହିଂସା, ଦ୍ୱେଷ, ଈର୍ଷ୍ୟା, ବିରୋଧ, ସ୍ୱାର୍ଥ, ଅହଂର ପୂର୍ଣ୍ଣ ରୂପାନ୍ତର । ଏହିରୂପ ଦିବ୍ୟମାନବ ଜାତି ଏହି ପୃଥିବୀରେ ସ୍ଥାପିତ ହେବ । ସାଧକମାନେ ସାଧନାରେ କ୍ରମଶଃ ଅଗ୍ରସର ହୋଇ ପୂର୍ଣ୍ଣ ରୂପାନ୍ତର ଲକ୍ଷ୍ୟରେ ପହୁଞ୍ଚିଲେ ସଂସାରର ସାଧାରଣ ବ୍ୟକ୍ତି, ଯେଉଁମାନେ କି ସାଧନା କରୁ ନ ଥିବେ ସେମାନଙ୍କ ମଧ୍ୟରୁ ହିଂସା, ସ୍ୱାର୍ଥାଦି ଦୁର୍ଗୁଣ ଦୂର ହେବ ଏବଂ ଏହି ପୃଥିବୀ ସ୍ୱର୍ଗରେ ପରିଣତ ହେବ । ଶ୍ରୀଅରବିନ୍ଦଙ୍କ ଶିକ୍ଷାର ଉଦ୍ଦେଶ୍ୟ ସଂସାର ଓ କର୍ମମୟ-ଜୀବନର ତ୍ୟାଗ ନୁହେଁ, ସଂସାର ଓ କର୍ମମୟ-ଜୀବନକୁ ଦିବ୍ୟତା ପ୍ରଦାନ କରିବା । ଏହାହିଁ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ । ଏହାକୁ କ୍ରିୟାରେ ପରିଣତ କରିବା ସକାଶେ ମା' ଶ୍ରୀଅରବିନ୍ଦ ପଣ୍ଡିଚେରୀରେ ଆଶ୍ରମ ସ୍ଥାପନ କରି ସାଧକମାନଙ୍କ ଶିକ୍ଷାର ବ୍ୟବସ୍ଥା କରିଅଛନ୍ତି । ଶ୍ରୀଅରବିନ୍ଦଙ୍କ ଆଦର୍ଶ ପୁରାତନ ଯୋଗ ସଦୃଶ କେତେକ ଅଳ୍ପସଂଖ୍ୟକ ବ୍ୟକ୍ତିଙ୍କ ସକାଶେ ନୁହେଁ, ସମଗ୍ର ମାନବଜାତି ସକାଶେ । ପାଠକ ଏହି ବିଷୟକୁ ସ୍ମରଣ ରଖି 'ଶ୍ରୀଅରବିନ୍ଦ ପାଠଚକ୍ର'ର ଉଦ୍ଦେଶ୍ୟକୁ ବିଚାର କରିବେ, ଅନ୍ୟଥା ପୁରାତନ ଯୋଗର ତ୍ୟାଗ ଭାବକୁ ଏଥିରେ ମିଶ୍ରିତ କଲେ ବୁଝିପାରିବେ ନାହିଁ ।

## ଆଶ୍ରମରେ ସାଧିତ କର୍ମର ଦୁଇଟି ରୂପ :

ଆଶ୍ରମରେ ସାଧିତ କର୍ମର ଦୁଇଟି ଧାରା : ଗୋଟିଏ ହେଲା ଶ୍ରୀଅରବିନ୍ଦଙ୍କ ଶିକ୍ଷାନୁସାରେ କର୍ମ ସମ୍ପାଦନ କରିବା ଏବଂ ଅନ୍ୟଟି ଆଦର୍ଶ-ଶିକ୍ଷାର ଉଦ୍ଦେଶ୍ୟ କ'ଣ,— ଏହା ଲେଖି ଲୋକଙ୍କୁ ବୁଝାଇ ଦେବା । ଏହି ଦୁଇଟି ବସ୍ତୁ ପରସ୍ପର ସମ୍ବନ୍ଧିତ । ଗୋଟିଏ ଛଡ଼ା ଅନ୍ୟଟି ଅପୂର୍ଣ୍ଣ ରହେ ଏବଂ ତିଷ୍ଠିପାରେ ନାହିଁ ବା ବିକୃତ ହୋଇ ଯିବାର ଆଶଙ୍କା ବରାବର ଥାଏ । ପରବର୍ତ୍ତୀ କାଳରେ ତାହା ଏକେବାରେ ବିକୃତ ହୋଇ ମହାଦେବ ଗଢୁଗଢୁ ବାନର ଆକାର ଧାରଣ କରେ । ସଂସାରରେ ଗୋଟିଏ ନୂତନ ଉଦ୍ଦେଶ୍ୟ ସ୍ଥାପନ କରିବାକୁ ହେଲେ କର୍ମ ଏବଂ ଦର୍ଶନ-ସାହିତ୍ୟ ଆବଶ୍ୟକ । ଏହି କାରଣରୁ ଯେତେବେଳେ ସଂସାରରେ କୌଣସି ଅଧ୍ୟାତ୍ମ ପରିବର୍ତ୍ତନ ଆସେ ସେତେବେଳେ କର୍ମ ଆଚରଣ ଏବଂ ଦର୍ଶନର ଆବଶ୍ୟକ ହୋଇଥାଏ । ଏହି କାରଣରୁ ଶ୍ରୀମା ଏବଂ ଶ୍ରୀଅରବିନ୍ଦ ଆଶ୍ରମ ନିର୍ମାଣ କରି ଯୋଗ ଶିକ୍ଷା ଦେବା ସଙ୍ଗେ ସଙ୍ଗେ ଦର୍ଶନ ଶାସ୍ତ୍ର ଲେଖିଛନ୍ତି ଏବଂ ତା'ର ପ୍ରସାର ସକାଶେ ପ୍ରେସ୍ ମଧ୍ୟ ପ୍ରତିଷ୍ଠିତ ହୋଇଅଛି ।

## ଆଶ୍ରମର ଶିକ୍ଷା-ପଦ୍ଧତି :

ଶ୍ରୀଅରବିନ୍ଦଙ୍କ ଆଦର୍ଶର ଉଦ୍ଦେଶ୍ୟ ସମସ୍ତ ମାନବଜାତିର ଉନ୍ନତି ଏବଂ ଅଜ୍ଞାନତାରୁ ମୁକ୍ତ ପରମ ସୁଖମୟ ଜୀବନ । ଏହା ଯଦି ସାଧିତ ହୋଇପାରେ ଯଦି ମନୁଷ୍ୟ-ଜୀବନ ଧାରଣ କରି ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିବା ସକାଶେ ଯେଉଁ ସବୁ କର୍ମ ଅନିବାର୍ଯ୍ୟ ସେସବୁକୁ ତ୍ୟାଗ କରା ନ ହୁଏ । କର୍ମ ହେଉଛି ବନ୍ଧନର କାରଣ, ସେହି ସକାଶେ ପୁରାତନ ଯୋଗ କର୍ମକୁ ତ୍ୟାଗ କରିଥିଲେ । ପୁରାତନ ଯୋଗ ସମସ୍ତ ମାନବଜାତିକୁ ସମୃଦ୍ଧିଶାଳୀ କରିବାକୁ ଚାହିଁ ନ ଥିଲେ,

ସେଥିପାଇଁ ମୁକ୍ତିକାମୀ କେତେକ ବ୍ୟକ୍ତି କର୍ମ ତ୍ୟାଗ କରି ମୁକ୍ତିକୁ ଚାଲିଗଲେ, ଜଗତ କର୍ମ-ବନ୍ଧନରେ ଯେପରି ଦୁଃଖକଷ୍ଟରେ ଥିଲା, ସେହିପରି ରହିଲା । କିନ୍ତୁ ଶ୍ରୀଅରବିନ୍ଦଙ୍କ ଆଦର୍ଶର ଲକ୍ଷ୍ୟ ସଂସାର ମଧ୍ୟରୁ କେତେକ ବ୍ୟକ୍ତିଙ୍କୁ ମୁକ୍ତିକୁ ପଠାଇଦେବା ନୁହେଁ ବରଂ ଗୋଟିଏ ଦିବ୍ୟ ମାନବଜାତି ପୃଥିବୀରେ ସ୍ଥାପନ କରିବା, ଯାହାଫଳରେ ସମସ୍ତ ସଂସାର ଦୁଃଖଦ୍ୱନ୍ଦ୍ୱରୁ ମୁକ୍ତ ହୋଇ ସୁଖ ସ୍ୱାଚ୍ଛନ୍ଦ୍ୟରେ ରହିପାରିବ । ଏଥିରେ କର୍ମକୁ ତ୍ୟାଗ କଲେ ଚଳିବ ନାହିଁ । କର୍ମ କି କୌଶଳରେ ସମ୍ପାଦନ କଲେ କର୍ମବନ୍ଧନରୁ ମନୁଷ୍ୟ ମୁକ୍ତ ହୋଇ ସେହି କର୍ମାନୁଷ୍ଠାନରେ ଭଗବାନଙ୍କୁ ପ୍ରକାଶ କରିପାରିବ, ତାହାର ଆଲୋଚନା ହୋଇଛି ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ ''ତ୍ରିବିଧ କର୍ମ'' ପୁସ୍ତିକାରେ । ଯେଉଁ କର୍ମ ସଂସାର ବନ୍ଧନର କାରଣ, ପୁଣି ସେହି କର୍ମ କିପରି ଆଧ୍ୟାତ୍ମିକତାରେ ସାହାଯ୍ୟକାରୀ ହୋଇ ଭଗବତ୍ ପ୍ରାପ୍ତି କରାଏ, ତାହାର ଆଦର୍ଶ ମନୁଷ୍ୟ ସମ୍ମୁଖରେ ରଖିବା ସକାଶେ ଆଶ୍ରମରେ ନାନା ପ୍ରକାର କର୍ମ ଆଚରିତ ହେଉଅଛି ।

## ବାଳକ-ବାଳିକାମାନଙ୍କର ଶିକ୍ଷା :

ବାଲ୍ୟାବସ୍ଥାରୁ ବାଳକ ବାଳିକାମାନଙ୍କ ସକାଶେ ବିଦ୍ୟାଶିକ୍ଷା ଏବଂ ଶରୀର ଗଠନ ସକାଶେ ଖେଳ କସରତର ଆବଶ୍ୟକ । ଆଶ୍ରମରେ ଶିଶୁମାନଙ୍କୁ ନୂତନ ଧରଣରେ ଶିକ୍ଷା ଦିଆହୁଏ ଏବଂ ବାଲ୍ୟାବସ୍ଥାରୁ ସ୍ୱାଚ୍ଛନ୍ଦ୍ୟରେ ବିଦ୍ୟାଶିକ୍ଷା ସଙ୍ଗେ ସଙ୍ଗେ ଶରୀର ଗଠନ ଏବଂ ତାକୁ ସୁନ୍ଦର, ମଜଭୁତ କରିବା ସକାଶେ ନାନା ପ୍ରକାର ଖେଳ ମାଧ୍ୟମରେ ବ୍ୟାୟାମର ଶିକ୍ଷା ଦିଆହୁଏ । ଏପରି ବାତାବରଣର ସୃଷ୍ଟି କରାହୁଏ ଯେ ଶିଶୁ ଅବସ୍ଥାରୁ ପିଲାମାନେ ନିଜ ରୁଚିରେ ଅନ୍ୟର ବିନା ଚାପାରେ ସହର୍ଷରେ ପଢ଼ନ୍ତି ଏବଂ ଆଗ୍ରହର ସହିତ ଖେଳ କସରତ କରନ୍ତି । ଆଶ୍ରମର ଶୁଦ୍ଧ ବାତାବରଣରେ ରହିବା ହେତୁ ସ୍ୱାଭାବିକ ରୂପେ ଶୁଦ୍ଧ ଓ ପବିତ୍ର ଚରିତ୍ର ଗଠିତ ହୁଏ । ଶିଶୁ ଏବଂ ବୟସ୍କ ବାଳକ ବାଳିକାମାନଙ୍କ ପାଇଁ ଭିନ୍ନ ଭିନ୍ନ ଖେଳ ପଡ଼ିଆ ଓ ସନ୍ତରଣ ପୁଷ୍କରିଣୀ ନିର୍ମାଣ କରା ହୋଇଅଛି ।

ରୋଷାଇ କରିବା, ପରିବେଷଣ କରିବା, ବାସନ ଧୋଇବା, ରୁଟି ତିଆରି କରିବା, ଲୁଗା ସଫା କରିବା, ଝାଡୁ ଲଗାଇବା, ପୁଷ୍ପ ବାଟିକା ନିର୍ମାଣ, ଗୋଶାଳା ଓ ଗୃହ ନିର୍ମାଣ, ବସ୍ତ୍ର ତିଆରି, ଗୃହର ଆବଶ୍ୟକ ଆସବାବ ତିଆରି, ଲୁଗା, ଗଞ୍ଜି, ମୋଜା, ଜୋତା ତିଆରି, ଧାନ ଫସଲ, ପନିପରିବା ଉତ୍ପାଦନ, କଳକାରଖାନାରେ ବିଭିନ୍ନ ପ୍ରକାର ବସ୍ତୁ ତିଆରି କରିବା ସକାଶେ ଓ୍ୱାର୍କସପ୍, ମୋଟର ମରାମତି ଓଗେର ବହୁତ କାର୍ଯ୍ୟ ଆଶ୍ରମରେ କରାହୁଏ । ବ୍ୟବସାୟ ମଧ୍ୟ ଅଛି । ଆଶ୍ରମର ଏହି ପ୍ରକାର କର୍ମ ହେଲା ଗୋଟିଏ ଦିଗ । ଏହି କର୍ମର ଉଦ୍ଦେଶ୍ୟ କ'ଣ ? ଏହି କର୍ମ କିପରି ଭାବରେ କରିବା ଉଚିତ ? ଏହି କର୍ମ ଲକ୍ଷ୍ୟ ପ୍ରାପ୍ତିରେ ସହାୟକ କିପରି ହୁଏ ? ଏହିସବୁ ବସ୍ତୁକୁ ବୁଝାଇବା ସକାଶେ ଦର୍ଶନ-ସାହିତ୍ୟର ଆବଶ୍ୟକତା । ସେଥିପାଇଁ ଶ୍ରୀଅରବିନ୍ଦ ସ୍ୱୟଂ ୧୯୧୪ ମସିହାରୁ ୧୯୨୦ ମସିହା ପର୍ଯ୍ୟନ୍ତ 'ଆର୍ଯ୍ୟ' ପତ୍ରିକାରେ ଏତେ ଲେଖିଥିଲେ ଯେ ତାହା ଗୋଟିଏ ବ୍ୟକ୍ତି ପକ୍ଷରେ ସମସ୍ତ ଜୀବନରେ ପଢ଼ି ଠିକ୍ ଠିକ୍ ବୁଝି ଆଚରଣ କରିବା ସହଜ ନୁହେଁ । ଶ୍ରୀଅରବିନ୍ଦ ଏବଂ ଶ୍ରୀମା'ଙ୍କ ସାହିତ୍ୟ ପ୍ରସାରିତ ହେବା ସକାଶେ ଆଶ୍ରମର ଗୋଟିଏ ବଡ଼ ଧରଣର ପ୍ରେସ୍ ଅଛି । ସେଥିରେ ଦେଶ ଓ ବିଦେଶର ବିଭିନ୍ନ ଭାଷାରେ ମୁଦ୍ରଣ କାର୍ଯ୍ୟ ହୁଏ । ଶ୍ରୀମା ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ସାଧାରଣ ଜନତାକୁ ସହଜରେ ବୁଝାଇ ଦେବା ସକାଶେ କେତେକ ପ୍ରାନ୍ତୀୟ ଭାଷାରେ ପତ୍ରିକା ପ୍ରକାଶିତ ହୁଏ ଏବଂ ଶ୍ରୀଅରବିନ୍ଦ ଓ ଶ୍ରୀମା'ଙ୍କ ଦୃଷ୍ଟିକୋଣ ପ୍ରକାଶ କରିବା ସକାଶେ ସାଧକମାନେ ପ୍ରାନ୍ତୀୟ ଭାଷା ଏବଂ ବିଦେଶୀ ଭାଷାରେ ସରଳ ପ୍ରଣାଳୀରେ ସାହିତ୍ୟ ମଧ୍ୟ ରଚନା କରନ୍ତି । ଆଶ୍ରମ ମଧ୍ୟରେ ପୁସ୍ତକ ଏବଂ ଶ୍ରୀମା ଶ୍ରୀଅରବିନ୍ଦଙ୍କର ଫଟୋ ବିକ୍ରି ହୁଏ । ଯେଉଁ ଦର୍ଶନାର୍ଥୀମାନେ ଆଶ୍ରମର କର୍ମକ୍ଷେତ୍ର ଦେଖିବାକୁ ଚାହାନ୍ତି ସେମାନଙ୍କୁ ଦେଖାଇବା ସକାଶେ କାର୍ ବା ବସ୍ ସର୍ଭିସ୍‌ର ବ୍ୟବସ୍ଥା ଅଛି । ଆଶ୍ରମର ଜଣେ ବ୍ୟକ୍ତି ସେମାନଙ୍କ ସଙ୍ଗେ ରହି ସମସ୍ତ କର୍ମ ବୁଝାଇ ଦିଅନ୍ତି । ଆଶ୍ରମ ସଂସାରର ସମସ୍ତ କର୍ମ କ୍ଷେତ୍ରର ଗୋଟିଏ ଛୋଟ ରୂପ କହିଲେ ଅତ୍ୟୁକ୍ତି ହେବ ନାହିଁ । ବାହାରର ଦର୍ଶନାର୍ଥୀମାନେ ଗୋଟିଏ ଅଧ୍ୟାତ୍ମ-ଯୋଗାଶ୍ରମରେ ଏପରି କର୍ମ କୋଳାହଳ ପରିବେଶ ଦେଖି, ଏହି ବହୁଳ

କର୍ମ ମଧ୍ୟରେ ଆଶ୍ରମର ପ୍ରତ୍ୟେକ କର୍ମକ୍ଷେତ୍ରରେ ଗୋଟିଏ ଅଭୂତପୂର୍ବ ଶାନ୍ତି ଅନୁଭବ କରି ଆଶ୍ଚର୍ଯ୍ୟ ହୋଇ ଯାଆନ୍ତି । ସେମାନେ ପ୍ରଶ୍ନ କରନ୍ତି, ''ଏଠାରେ ଅଧ୍ୟାତ୍ମ-ସାଧନାରେ କର୍ମବହୁଳତା କାହିଁକି ? ପୁନଶ୍ଚ ଚାଞ୍ଚଲ୍ୟ ସୃଷ୍ଟିକାରୀ କର୍ମ ସ୍ଥଳରେ ଶାନ୍ତି ଅନୁଭୂତ ହେବାର କାରଣ କ'ଣ ?'' ପୁରାତନ ଯୋଗ-ପଦ୍ଧତିରେ କର୍ମତ୍ୟାଗ, ସନ୍ନ୍ୟାସ ଆଚରଣର ସଂସ୍କାରରୁ ଏହି ପ୍ରଶ୍ନ ସ୍ୱାଭାବିକରୂପେ ବ୍ୟକ୍ତିର ମନରେ ଉତ୍‌ଥିତ ହୁଏ । ସନ୍ନ୍ୟାସ-ଭାବ ପରମ୍ପରାଗତରେ ବ୍ୟକ୍ତିର ରକ୍ତ ସହିତ ମିଶି ଯାଇଅଛି । ଅଧ୍ୟାତ୍ମ-ଆଶ୍ରମ ବା ଅଧ୍ୟାତ୍ମ ସାଧକ ନାମ ଶୁଣିବା ମାତ୍ରେ ତା' ମାନସ ପଟରେ ଗୋଟିଏ କୁଡ଼ିଆ ଓ ଲୁଗାପଟା ବିହୀନ କୌପୀନଧାରୀ ଅକିଞ୍ଚନ ସଂସାର-ବିରାଗୀ ସନ୍ନ୍ୟାସୀର ମୂର୍ତ୍ତି ଅଙ୍କିତ ହୋଇଯାଏ । ସେଥିପାଇଁ ବ୍ୟକ୍ତି ଆଶ୍ରମର କର୍ମ-କୋଳାହଳକୁ ଦେଖି ଏହାର ରହସ୍ୟ ବୁଝିପାରେ ନାହିଁ । ଯଦ୍ୟପି ବହୁତ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଦର୍ଶନ ପଢ଼ିଛନ୍ତି, ଆଶ୍ରମ ଦେଖିଛନ୍ତି, ତଥାପି ପୂର୍ବ ସଂସ୍କାର ଦୂର ହୋଇ ଏହି ନୂତନ ସଂସ୍କାର ସ୍ଥାନ ଗ୍ରହଣ କରିପାରି ନ ଥିବାରୁ କର୍ମ ଆଚରଣ କରିବା ପ୍ରଶ୍ନ ଆସିବା ସଙ୍ଗେ ସଙ୍ଗେ ପୂର୍ବ ସନ୍ନ୍ୟାସ-ସଂସ୍କାର ସାମନାକୁ ଆସି ଯାଉଛି । ବହୁ ପୂର୍ବେ ଆଶ୍ରମବାସୀଙ୍କୁ ସମ୍ବୋଧନ କରି ଶ୍ରୀଅରବିନ୍ଦ କହିଥିଲେ, ''ଆଶ୍ରମର କେତେକ ବ୍ୟକ୍ତି 'ଶ୍ରୀଅରବିନ୍ଦ ମଠ' କରିବାକୁ ଚାହୁଁଛନ୍ତି, ସେମାନଙ୍କ ସନ୍ନ୍ୟାସ-ସଂସ୍କାର ଏପର୍ଯ୍ୟନ୍ତ ଦୂର ହୋଇ ନାହିଁ ।''

ବର୍ତ୍ତମାନ ପୂର୍ବ ସଂସ୍କାର ଭୁଲିଯାଇ ଭଲଭାବରେ ଆମକୁ ମନେରଖିବାକୁ ହେବ ଯେ ସଂସାରରୁ ଦୁଃଖ, ଦ୍ୱନ୍ଦ୍ୱ, କଳହ ଦୂର କରି ସଂସାରକୁ ସ୍ୱର୍ଗରେ, କର୍ମକୁ ସମୃଦ୍ଧିଶାଳୀ ଉନ୍ନତ କରି ଭାଗବତ କର୍ମରେ ପରିଣତ କରିବା ସକାଶେ ଶ୍ରୀମା ଶ୍ରୀଅରବିନ୍ଦ ଏହି ପୃଥିବୀକୁ ଆସିଅଛନ୍ତି । ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀରେ ଅବତରଣ କରାଇ, ସେହି ଶକ୍ତିକୁ ମା' ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ଏହି କାରଣରୁ ଆଶ୍ରମର କର୍ମବହୁଳତା ମଧ୍ୟରେ ବ୍ୟକ୍ତି ଶାନ୍ତି ଅନୁଭବ କରୁଅଛନ୍ତି । ବ୍ୟକ୍ତି ସଂସାରରେ ରହି କର୍ମକୁ କିପରି ଉନ୍ନତ କରି ପାରିବ ଏବଂ ସେହି କର୍ମ ମାଧ୍ୟମରେ ସେ କିପରି ମନ, ପ୍ରାଣ, ଶରୀରକୁ ଦିବ୍ୟତାରେ ରୂପାନ୍ତରିତ କରି ପାରିବ, ଏହାର ଉଦାହରଣ ସ୍ୱରୂପ ଆଶ୍ରମ ସମସ୍ତ ଜାଗତିକ କର୍ମକୁ ଆଚରଣ କରୁଅଛି, ଯାହାଦ୍ୱାରା ସମସ୍ତ ସଂସାର ପରିବର୍ତ୍ତିତ ହେବ । ଏଥିରେହିଁ ସମସ୍ତ ଜଗତର ହେବ କଲ୍ୟାଣ ।

## ପାଠଚକ୍ର ତଥା ଶ୍ରୀଅରବିନ୍ଦଙ୍କ ଆଦର୍ଶାନୁଗାମୀ ବିଭିନ୍ନ କେନ୍ଦ୍ରର କର୍ମ :

ପୂର୍ବ ଆଲୋଚନାରୁ ସ୍ପଷ୍ଟ ହେଲା ଯେ ଶ୍ରୀଅରବିନ୍ଦ ପାଠଚକ୍ର, ଶ୍ରୀଅରବିନ୍ଦ ଯୁବ ସମାଜ, , ଶ୍ରୀଅରବିନ୍ଦ ଛାତ୍ର-ସମାଜ, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ପ୍ରଭୃତି ହେଉଛି ଆଶ୍ରମର ଅନୁରୂପ ଛୋଟ ଆକାରରେ ଗୋଟିଏ ଗୋଟିଏ ଅନୁଷ୍ଠାନ, ଆଶ୍ରମର ଅନୁକରଣରେ ଆଶ୍ରମର ଶାଖା ସ୍ୱରୂପ । ଏହି ଅନୁଷ୍ଠାନମାନଙ୍କରେ ଆଶ୍ରମ ସଦୃଶ ସମସ୍ତ କାର୍ଯ୍ୟକ୍ରମ ଆଚରିତ ହୋଇପାରେ । ଯଥା : ଆଶ୍ରମର ଶିକ୍ଷାପଦ୍ଧତି ଅନୁଯାୟୀ ସ୍କୁଲ, ବ୍ୟାୟାମଶାଳା ଏବଂ ଶିକ୍ଷାର ବ୍ୟବସ୍ଥା, ଗୋଶାଳା, ନାନାପ୍ରକାର କାରୁକାର୍ଯ୍ୟ, କଳା, ଶିଳ୍ପ-ଶିକ୍ଷା ଇତ୍ୟାଦିର ବ୍ୟବସ୍ଥା । କିନ୍ତୁ ଆଶ୍ରମରେ ରାଜନୀତିର ସ୍ଥାନ ଏକେବାରେ ନାହିଁ । ସେଥିପାଇଁ ଆଶ୍ରମର ପ୍ରତ୍ୟେକ କେନ୍ଦ୍ର, ପାଠଚକ୍ର ଓ ଶାଖା ଅନୁଷ୍ଠାନ ରାଜନୀତିରୁ ସର୍ବଦା ଦୂରରେ ରହିବା ଉଚିତ । ଏହାର ଅର୍ଥ ଏପରି ନୁହେଁ ଯେ ପାଠଚକ୍ରର ମେମ୍ବର ବ୍ୟକ୍ତିଗତ ଭାବରେ ରାଜନୀତିରେ ଭାଗ ନେବେ ନାହିଁ କିଂବା ରାଜନୀତିଜ୍ଞ ଲୋକ ପାଠଚକ୍ରର ମେମ୍ବର ହୋଇପାରିବେ ନାହିଁ । ସଦସ୍ୟ ବ୍ୟକ୍ତିଗତ ଭାବରେ ରାଜନୀତି କରିପାରିବେ ଏବଂ ରାଜନୀତିଜ୍ଞ ବ୍ୟକ୍ତି ସଦସ୍ୟ ହୋଇ ପାରିବେ, କିନ୍ତୁ ପାଠଚକ୍ର ମଧ୍ୟରେ ରାଜନୀତି କାର୍ଯ୍ୟ ହୋଇପାରିବ ନାହିଁ, ଅର୍ଥାତ୍ ପାଠଚକ୍ର ସ୍ୱୟଂ ସେଥିରେ ଭାଗ ନେବ ନାହିଁ । ଯେପରି ଆଶ୍ରମର ବାହାରେ ଥିବା ବହୁତ ଭକ୍ତ ରାଜନୀତିଜ୍ଞ, ବହୁତ ବ୍ୟକ୍ତି ରାଜନୀତିରେ କାମ କରନ୍ତି, ବହୁତ ବ୍ୟକ୍ତି ଇଲେକ୍‌ସନ୍‌ରେ ଛିଡ଼ା ହୁଅନ୍ତି; କିନ୍ତୁ ସେ କାର୍ଯ୍ୟ ସେମାନଙ୍କର ବ୍ୟକ୍ତିଗତ, ଆଶ୍ରମ ସଙ୍ଗେ ତାହାର କୌଣସି ସମ୍ପର୍କ ନ ଥାଏ ।

ପ୍ରଶ୍ନ : ଆଶ୍ରମରେ ଯେଉଁ ସବୁ କର୍ମ ଅନୁଷ୍ଠିତ ହେଉଅଛି, ସେହିପରି କ'ଣ ପ୍ରତ୍ୟେକ କେନ୍ଦ୍ର, ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ତଥା ମହିଳା ପାଠଚକ୍ରମାନଙ୍କରେ ଅନୁଷ୍ଠିତ ହେବା ଆବଶ୍ୟକ ?

ଉତ୍ତର : ତାହା ନିର୍ଭର କରେ ପରିସ୍ଥିତି ଉପରେ । ବର୍ତ୍ତମାନ ପରିସ୍ଥିତିରେ ପାଠଚକ୍ରମାନଙ୍କରେ ଆଶ୍ରମ ଅନୁରୂପ କର୍ମାନୁଷ୍ଠାନ ଗଢ଼ିବା ସମ୍ଭବ ନୁହେଁ । ଆଶ୍ରମ ହେଉଛି ଗୋଟିଏ ବଡ଼ ଧରଣର ଅନୁଷ୍ଠାନ, ସେଥିରେ ବହୁତ ପ୍ରକାର କର୍ମର ସମାବେଶ ହେବାର ସୁଯୋଗ ରହିଛି । କିନ୍ତୁ ପାଠଚକ୍ରମାନଙ୍କରେ ସେହିପରି ଅନୁକୂଳତା ନାହିଁ, ସେଥିପାଇଁ ପାଠଚକ୍ରର ପାରିପାର୍ଶ୍ୱିକ ଅବସ୍ଥା ଅନୁସାରେ ଯେଉଁ କର୍ମ ସୁବିଧା ତାହା ପାଠଚକ୍ରରେ ଅନୁଷ୍ଠିତ ହେବା ଉଚିତ ।

ଶ୍ରୀଅରବିନ୍ଦଙ୍କ ଯୋଗ, ଆଶ୍ରମ, ପାଠଚକ୍ର, ଶ୍ରୀଅରବିନ୍ଦ ଛାତ୍ର ସମାଜ, ଯୁବ ସମାଜ, ମହିଳା ପାଠଚକ୍ର ଇତ୍ୟାଦିର ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ଯେଉଁ ଅବସ୍ଥାରେ ଅଛି, ଯେଉଁ କର୍ମ କରୁଛି ସେହି କର୍ମମାଧ୍ୟମରେ ସେ ଲକ୍ଷ୍ୟ ସିଦ୍ଧି କରିପାରିବ । କାରଣ ଶ୍ରୀଅରବିନ୍ଦଙ୍କ ଯୋଗର ଉଦ୍ଦେଶ୍ୟ ସଂସାରର ସର୍ବାଙ୍ଗୀନ ଉନ୍ନତି । ତେଣୁ ବିଦ୍ୟାର୍ଥୀମାନେ ଶିକ୍ଷା ମାଧ୍ୟମରେ ଶ୍ରୀଅରବିନ୍ଦ ଯୋଗ ଦ୍ୱାରା ଲକ୍ଷ୍ୟରେ ପହଞ୍ଚି ପାରନ୍ତି । ସେମାନେ ସ୍କୁଲ ଅଥବା ଅନ୍ୟ ସ୍ଥାନରେ ପାଠଚକ୍ର ସ୍ଥାପନ କରି ପାରନ୍ତି; କିନ୍ତୁ ସେମାନଙ୍କ ସକାଶେ ଆଶ୍ରମ ସଦୃଶ କୃଷି, ଗୋଶାଳା ଇତ୍ୟାଦିର ଆବଶ୍ୟକତା ନାହିଁ କି ସମ୍ଭବ ବି ନୁହେଁ । ରାଜନୀତିଜ୍ଞ, ବ୍ୟବସାୟୀ, କର୍ମଚାରୀ, ସରକାରୀ ଅଫିସର, କୃଷକ, ଶ୍ରମିକ, ଶିଳ୍ପୀ ଇତ୍ୟାଦି ନିଜ ନିଜ ଅନୁଷ୍ଠାନର ବ୍ୟକ୍ତିମାନଙ୍କୁ ନେଇ, ଅର୍ଥାତ୍ ଯେ ଯେଉଁ ସ୍ଥିତିରେ ଅଛନ୍ତି ସେମାନେ ସେହି ସ୍ଥିତିରେ ସେହି ଅନୁଷ୍ଠାନରେ କିଂବା ଅନୁଷ୍ଠାନର ବାହାରେ ପାଠଚକ୍ର ସ୍ଥାପନ କରିପାରନ୍ତି କିଂବା ବ୍ୟକ୍ତିଗତ ଭାବରେ ସାଧନା କରି ନିଜ କର୍ମ ମାଧ୍ୟମରେ ଲକ୍ଷ୍ୟରେ ପହଞ୍ଚି ପାରନ୍ତି ।

ପ୍ରଶ୍ନ : କର୍ମତ୍ୟାଗ କରି ପୁରାତନ ଯୋଗର ସାଧକମାନେ ସାଧନାରେ ବାଧା ପାଉଥିଲେ, ପୁନଶ୍ଚ କର୍ମ କରି ଏପରି ଉତ୍କୃଷ୍ଟ ଲକ୍ଷ୍ୟରେ ପହଞ୍ଚିବା ସମ୍ଭବ ହେବ କିପରି ?

ଉତ୍ତର : ଏହା ମନୁଷ୍ୟ ପ୍ରୟାସରେ ଅସମ୍ଭବ । ଏହି ଅସମ୍ଭବକୁ ସମ୍ଭବ କରିବା ସକାଶେ ମା' ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ଏହି ପୃଥିବୀ ଉପରକୁ ଉତାରି ଆଣି ଅଛନ୍ତି, ସେହି ଶକ୍ତିକୁ ମା' ସ୍ୱୟଂ ଧାରଣ କରି ରୂପାନ୍ତର କାର୍ଯ୍ୟ କରୁଅଛନ୍ତି । ବ୍ୟକ୍ତି କେବଳ ମା'ଙ୍କୁ ସମର୍ପଣ କରି ତାଙ୍କ ଉପରେ ବିଶ୍ୱାସ ଭରସା ରଖିଲେ ମା'ଙ୍କ ଅତିମାନସ ଶକ୍ତି ଉଚିତ ସମୟରେ ସାଧକ ମଧ୍ୟରେ ସାଧନା କରି ଲକ୍ଷ୍ୟ ଆଡ଼କୁ ଅଗ୍ରସର କରାଏ । ଏ ସାଧନାକୁ ଅତ୍ୟନ୍ତ ସହଜ କରି ଦେଲେ । ପୁରାତନ ଯୌଗିକ କ୍ରିୟା ସଂସାରର ସମସ୍ତ ବ୍ୟକ୍ତିଙ୍କ ସକାଶେ ସମ୍ଭବ ନ ଥିଲା, ସେଥିପାଇଁ ତାହା ଥିଲା ବ୍ୟକ୍ତିଗତ ବା ଗୋଷ୍ଠୀଗତ । ସମୁଦାୟ ମାନବସମାଜ ପ୍ରତି ସୁଲଭ ହେବ ବୋଲି ମା' ଶ୍ରୀଅରବିନ୍ଦ ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ଅଛନ୍ତି ।

## ପାଠଚକ୍ରର ନିୟମାବଳୀ :

୧. ପୃଥକ୍ ଘରେ ଅଥବା ଘର ମଧ୍ୟସ୍ଥ ଗୋଟିଏ ପୃଥକ୍ କୋଠାରିରେ ଶ୍ରୀଅରବିନ୍ଦ ପାଠଚକ୍ର କିଂବା ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସ୍ଥାପନ କରାଯାଇପାରେ । ସେଠାରେ ଶ୍ରୀମା, ଶ୍ରୀଅରବିନ୍ଦଙ୍କର ଫଟୋ ରଖିବେ । ପ୍ରତ୍ୟେକ ଦିନ ଧୂପ, ପୁଷ୍ପ ଅର୍ପଣ କରିବେ, ଘରଟିର ପରିଷ୍କାର-ପରିଚ୍ଛନ୍ନତା ପ୍ରତି ବିଶେଷ ଦୃଷ୍ଟି ଦେବେ ।

୨. ଯଦି ସୁବିଧା ହୁଏ ପ୍ରତିଦିନ ସଂଧ୍ୟାରେ ଅଥବା ସପ୍ତାହରେ କୌଣସି ନିର୍ଦ୍ଦିଷ୍ଟ ସମୟରେ ଥରେ କିଂବା ଦୁଇଥର ପାଠଚକ୍ରର ସମସ୍ତ ସଦସ୍ୟ ଏକତ୍ରିତ ହେବେ । ପ୍ରଥମରେ ଶ୍ରୀଅରବିନ୍ଦଙ୍କ ଯୋଗ ଏବଂ ସାଧନା ସମ୍ବନ୍ଧୀୟ ବହି କେହି ଜଣେ ପଢ଼ି ଅନ୍ୟମାନଙ୍କୁ ବୁଝାଇ ଦେବେ । ସଦସ୍ୟମାନଙ୍କ ମଧ୍ୟରେ ଯଦି କେହି ଭଲ ଭାବରେ ବୁଝାଇ ନ ପାରନ୍ତି ତେବେ କେବଳ ଅଧଘଣ୍ଟାଏ ପଢ଼ିବେ । ତା'ପରେ ସମସ୍ତେ ନୀରବ ହୋଇ ହୃଦୟରେ କିଂବା ମସ୍ତକରେ ଧ୍ୟାନ କରିବେ । ଧ୍ୟାନର ପ୍ରଣାଳୀ 'ପ୍ରତ୍ୟେକ ମନୁଷ୍ୟର କର୍ତ୍ତବ୍ୟ', 'ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା', 'ମାତୃବାଣୀ', 'ଯୋଗ-ପ୍ରଦୀପ', ପ୍ରଭୃତି ବହିରେ ଉଲ୍ଲେଖ କରାହୋଇଛି । ଧ୍ୟାନ କରିବା ପରେ ସାଧନା ସମ୍ବନ୍ଧରେ ଯାହାର କିଛି ପଚାରିବାର ଥାଏ ସେ ପଚାରିବେ । ଯଦି ପ୍ରଶ୍ନର ସନ୍ତୋଷଜନକ ଉତ୍ତର ନ ମିଳେ ତେବେ ଆଶ୍ରମକୁ ଲେଖିପାରିବେ ।

କିନ୍ତୁ ପାଠ-ଚକ୍ର ଗୃହରେ ପ୍ରବେଶ କରିବା ସଙ୍ଗେ ସଙ୍ଗେ ମୌନ ରହିବା ଉଚିତ, କେବଳ ଧ୍ୟାନ ପରେ କୌଣସି ପ୍ରଶ୍ନୋତ୍ତର ହୋଇପାରେ ।

୩. କେନ୍ଦ୍ରରେ କୌଣସି ପ୍ରକାର ଗଳ୍ପ କିଂବା ରାଜନୈତିକ ଚର୍ଚ୍ଚା ନ ହେବା ପ୍ରତି ଦୃଷ୍ଟି ରଖିବେ, ସେଥିରେ ବାତାବରଣ ଦୂଷିତ ହୋଇଯାଏ ।

୪. ଫେବ୍ରୁଆରି ୨୧ ତାରିଖ (ଶ୍ରୀମା'ଙ୍କ ଜନ୍ମ-ଦିବସ), ଅପ୍ରେଲ ୨୪ ତାରିଖ (ଶ୍ରୀମା'ଙ୍କର ପଣ୍ଡିଚେରୀକୁ ଶେଷ ଆଗମନ ଦିବସ), ଅଗଷ୍ଟ ୧୫ ତାରିଖ (ଶ୍ରୀଅରବିନ୍ଦଙ୍କ ଜନ୍ମ-ଦିବସ) ଓ ନଭେମ୍ବର ୨୪ ତାରିଖ (ଶ୍ରୀମା, ଶ୍ରୀଅରବିନ୍ଦଙ୍କ ସିଦ୍ଧି-ଦିବସ),– ଏହି ଚାରୋଟି ଦିନକୁ 'ଦର୍ଶନ-ଦିବସ' କୁହାଯାଏ ଏବଂ ଏହି ଦିନଗୁଡ଼ିକରେ ଆଶ୍ରମରେ ଶ୍ରୀମା ଆଶୀର୍ବାଦ (Blessings) ଦେଉଥିଲେ । ଏହାଛଡ଼ା ଜାନୁଆରି ୧ ତାରିଖ (ନୂତନ ବର୍ଷ ଆରମ୍ଭ), ମାର୍ଚ୍ଚ ୨୯ ତାରିଖ (ଶ୍ରୀମା'ଙ୍କର ପ୍ରଥମ ଥର ପଣ୍ଡିଚେରୀ ଆଗମନ), ଅପ୍ରେଲ ୪ ତାରିଖ (ଶ୍ରୀଅରବିନ୍ଦଙ୍କ ପଣ୍ଡିଚେରୀ ଆଗମନ ଦିବସ), ଦୁର୍ଗା ପୂଜା (ମହାଷ୍ଟମୀ), ବିଜୟା ଦଶମୀ, ଲକ୍ଷ୍ମୀ ପୂଜା, କାଳୀ ପୂଜା, ସରସ୍ୱତୀ ପୂଜା, ଡିସେମ୍ବର ୫ ତାରିଖ (ଶ୍ରୀଅରବିନ୍ଦଙ୍କ ମହାପ୍ରୟାଣ ଦିବସ) ଓ ୯ ତାରିଖ (ମହାସମାଧି ଦିବସ) ପ୍ରଭୃତି ଦିବସମାନଙ୍କରେ ମା' ଆଶୀର୍ବାଦ (Blessings) ଦେଉଥିଲେ, ନଭେମ୍ବର ୧୭ ତାରିଖ ଶ୍ରୀମାଙ୍କ ମହାପ୍ରୟାଣ ଦିବସ ଏବଂ ନଭେମ୍ବର ୨୦ ତାରିଖ ଶ୍ରୀମାଙ୍କ ମହାସମାଧି ଦିବସ । ଏହିସବୁ ଦିନମାନଙ୍କରେ ପ୍ରତ୍ୟେକ ପାଠଚକ୍ରରେ ବିଶେଷ କିଛି କାର୍ଯ୍ୟକ୍ରମ ରଖିବା ଉଚିତ । ଦିନ ୧୦ ଘଣ୍ଟା ସମୟରେ ଅଧଘଣ୍ଟାଏ ସମବେତ ଧ୍ୟାନ, ସନ୍ଧ୍ୟା ସମୟରେ ପରିସ୍ଥିତି ଅନୁସାରେ ଛୋଟ ଅଥବା ବଡ଼ ଧରଣର ସଭା କରିବେ । ଯଦି କେହି ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ସମ୍ବନ୍ଧରେ କିଛି କହି ପାରନ୍ତି ତେବେ ଭଲ, ନଚେତ୍ ଶ୍ରୀମା ଶ୍ରୀଅରବିନ୍ଦଙ୍କ ବହି ଅଥବା ଯୋଗ-ଦର୍ଶନ ସମ୍ବନ୍ଧୀୟ ଲେଖା ପଢ଼ିବେ । ସେଦିନ ଅନ୍ୟାନ୍ୟ ଦିବସ ଅପେକ୍ଷା ବିଶେଷ ଭାବରେ ପାଠଚକ୍ର ଗୃହ ଫୁଲରେ ସଜାଇବେ, ଧୂପ ମଧ ଦେବେ । ଯେଉଁମାନେ ପାଠଚକ୍ରର ସଦସ୍ୟ ହେବେ ସେମାନେ ପ୍ରତିଦିନ ନିୟମିତ ରୂପେ କିଛି ସମୟ ଧ୍ୟାନ କରିବେ । ସମର୍ପଣ, ଧ୍ୟାନ, ସାଧନା ପ୍ରଣାଳୀ ଏବଂ ଶ୍ରୀଅରବିନ୍ଦଙ୍କ ଯୋଗ-ଦର୍ଶନ ଜାଣିବାକୁ ହେଲେ ପ୍ରଥମେ 'ଶ୍ରୀଅରବିନ୍ଦ ଲୋକ-ସାହିତ୍ୟ' ପଢ଼ିଲେ ଶ୍ରୀଅରବିନ୍ଦଙ୍କ ସାହିତ୍ୟରେ ପ୍ରବେଶ କରିବା ସୁଗମ ହୁଏ ।

ପ୍ରତ୍ୟେକ ପାଠଚକ୍ରରେ ପରିସ୍ଥିତି ଅନୁସାରେ ପାଠଚକ୍ର ମାଧ୍ୟମରେ ହେଉ ଅଥବା ବ୍ୟକ୍ତିଗତଭାବରେ ହେଉ ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ, ନବଜ୍ୟୋତି, ନବପ୍ରକାଶ, ଶ୍ରୀଅରବିନ୍ଦ-ଆକ୍ସନ୍ ତଥା ଲୋକ-ସାହିତ୍ୟ ବିକ୍ରି ବ୍ୟବସ୍ଥା କରିବାକୁ ହେବ ଏବଂ ପ୍ରତ୍ୟେକ ମାସ ଶେଷରେ ପାଠଚକ୍ର କାର୍ଯ୍ୟକ୍ରମର ବିବରଣୀ ଆଶ୍ରମକୁ ପଠାଇବାକୁ ହେବ । ଏଥିରେ ଆଶ୍ରମ ସହିତ ବିଶେଷ ସମ୍ପର୍କ ରହିବ ଏବଂ ଆଶ୍ରମର ନିର୍ଦ୍ଦେଶ ବରାବର ପାଠଚକ୍ରମାନଙ୍କୁ ମିଳି ପାରିବ । ଏଯୋଗର ପ୍ରଧାନ ରହସ୍ୟ ହେଉଛି ମା'ଙ୍କ ଉପରେ ନିର୍ଭରତା ଓ ଭରସା ରଖିବା । ଏହାକୁ ଯେତେ ବୃଦ୍ଧି କରାହେବ ସାଧକ ନିଜ ସାଧନାରେ ସେତେ ଅଧିକ ସୁଗମତା ପ୍ରାପ୍ତ କରିବ । ଏଣୁ ପାଠଚକ୍ର ତଥା ସାଧକମାନେ ମା'ଙ୍କ ସହିତ ସମ୍ବନ୍ଧକୁ ଉତ୍ତରୋତ୍ତର ବୃଦ୍ଧି କରି ଦୃଢ଼ କରିବା ଉଚିତ ।

ମନୁଷ୍ୟର ଭାବ ହେଉଛି ପ୍ରଧାନ । ଯଦି ସେ ଶୁଦ୍ଧ ନିଷ୍କପଟ ଭାବ ରଖିପାରେ ତେବେ ସେ ପଥରରେ ଭଗବାନଙ୍କୁ ପ୍ରକଟ କରିପାରେ । ଭାବ ବିନା ଭଗବାନ୍ ସ୍ୱୟଂ ଦ୍ୱାରକୁ ଆସି ଫେରି ଯା'ନ୍ତି । ଶ୍ରୀକୃଷ୍ଣ, ଦୁର୍ଯ୍ୟୋଧନ ଓ ପାଣ୍ଡବମାନଙ୍କର ବନ୍ଧୁ ଥିଲେ । ପାଣ୍ଡବମାନଙ୍କର ଭାବ ଓ ଭକ୍ତି ଥିଲା ବୋଲି ସେମାନେ ଶ୍ରୀକୃଷ୍ଣଙ୍କୁ ଯେଉଁଠି ଡାକୁଥିଲେ ଶ୍ରୀକୃଷ୍ଣ ହଜାର କ୍ରୋଶରୁ ସେମାନଙ୍କ ଡାକ ଶୁଣି ସେମାନଙ୍କ ବିପଦରେ ସାହା ହେଉଥିଲେ । କିନ୍ତୁ ଦୁର୍ଯ୍ୟୋଧନର ଭାବ ବା ଭକ୍ତି ନ ଥିବାରୁ ତା ଘରକୁ ଯାଇ ଭୋଜନ ନ କରି ଫେରିଆସି ବିଦୁର ଘରେ କଦଳୀ ଚୋପା ପ୍ରେମରେ ଖାଇଥିଲେ । ଶ୍ରୀକୃଷ୍ଣଙ୍କୁ ଦୁର୍ଯ୍ୟୋଧନ ଭଗବାନ୍ ବୋଲି ଚିହ୍ନି ବି ପାରିଲା ନାହିଁ । ଭଗବାନ୍ ଆମ ସଙ୍ଗେ ସଙ୍ଗେ ରହିଥିବେ, ଆମର ଭକ୍ତିଭାବ ନ ଥିଲେ ଆମେ ତାଙ୍କୁ ଚିହ୍ନି ପାରିବା ନାହିଁ । ଯେପର୍ଯ୍ୟନ୍ତ ମନୁଷ୍ୟର ଭାବ ନ ଥିବ, ଯୁକ୍ତି-ତର୍କ, ତଥା ବୁଦ୍ଧି-ପ୍ରଧାନ ମନୋବୃତ୍ତି ଥିବ ସେପର୍ଯ୍ୟନ୍ତ ସେ ଭଗବାନଙ୍କୁ କିଂବା ଭଗବାନଙ୍କ କାର୍ଯ୍ୟକୁ ବୁଝିପାରିବ ନାହିଁ । ଯେଉଁ ବ୍ୟକ୍ତିମାନେ

ପାଠଚକ୍ରର ସଦସ୍ୟ, ସାଧନା କରିବାକୁ ଚାହାନ୍ତି, ସାଧନା କରୁଅଛନ୍ତି, ସେମାନେ ଶୁଷ୍କ ତର୍କକୁ ଦୂରରେ ରଖି ହୃଦୟରେ ଭାବକୁ ବୃଦ୍ଧି କରିବାକୁ ଚେଷ୍ଟା କରିଅଛନ୍ତି । ଭକ୍ତମାନେ ପାଠଚକ୍ରର ଗୃହକୁ ମା' ଶ୍ରୀଅରବିନ୍ଦଙ୍କ ନିବାସ ସ୍ଥଳ, ଫଟୋରେ ସାକ୍ଷାତ ମା' ଶ୍ରୀଅରବିନ୍ଦଙ୍କ ଉପସ୍ଥିତି ବୋଲି ବିଶ୍ୱାସ କରି ଦର୍ଶନ ଅଥବା ଆଶୀର୍ବାଦ (Blessings) ଦିନ ଆଶ୍ରମର ନିୟମ ଅନୁସାରେ ଶ୍ରେଣୀବଦ୍ଧଭାବେ (in a queue) ଯାଇ ଫଟୋ ପାଖରେ ପୁଷ୍ପ ଅର୍ପଣ କରି ତାଙ୍କର ଉପସ୍ଥିତି ଅନୁଭବ କରି ପାରନ୍ତି । ଏହି ସକାଶେ ବାହ୍ୟ ନିୟମ କାର୍ଯ୍ୟକାରୀ ହୁଏ ନାହିଁ, ହୁଏ ଭାବ ।

ପ୍ରଶ୍ନ : ପାଠଚକ୍ରରେ ଉତ୍ସବ ପାଳନ କରିବା, ସଭା କରିବା, ପୁସ୍ତକ ବିକ୍ରି କରିବାକୁ ହେଲେ କେତେକ ଲୋକଙ୍କର ଧାରଣା ହେବ ଯେ ଏହିସବୁ କାର୍ଯ୍ୟ ଦ୍ୱାରା ଶ୍ରୀଅରବିନ୍ଦଙ୍କ ଯୋଗ ପ୍ରଚାର କରା ହେଉଅଛି, ଅତଏବ ଆମ୍ଭମାନଙ୍କର କ'ଣ କରିବା ଉଚିତ ?

ଉତ୍ତର : ଆମ୍ଭମାନଙ୍କର ଏକମାତ୍ର କର୍ତ୍ତବ୍ୟ ଭଗବାନଙ୍କ ସଙ୍କଳ୍ପରେ ଅଂଶ ଗ୍ରହଣ କରିବା । ଲୋକଙ୍କୁ ସନ୍ତୁଷ୍ଟ କରିବା ସକାଶେ ସାଧକର ସାଧନା ନୁହେଁ । ସାଧକର ସାଧନା ଭଗବାନଙ୍କ ସକାଶେ । ସେଥିରେ ଲୋକେ ଭଲ କୁହନ୍ତୁ ବା ମନ୍ଦ କୁହନ୍ତୁ କିଛି ଯାଏ ଆସେ ନାହିଁ । ଲୋକେ ଆଲୋଚନା କରିବାରେ କାହାକୁ ବାଦ୍ ଦିଅନ୍ତି ? ପରମା ସତୀ, ପତିପରାୟଣା, ସାଧ୍ୱୀ 'ସୀତା'ଙ୍କଠାରେ ଲୋକେ କଳଙ୍କ ଆରୋପ କରିଅଛନ୍ତି । ସେଥି ସକାଶେ ଲୋକଙ୍କ ଆଲୋଚନାର କୌଣସି ମୂଲ୍ୟ ନାହିଁ । କେବଳ ମୂଲ୍ୟ ଅଛି ଆମ୍ଭମାନଙ୍କ କର୍ତ୍ତବ୍ୟ ପାଳନ କରିବାରେ । ଅଧ୍ୟାତ୍ମ ପ୍ରଚାର ଦ୍ୱାରା ଲୋକକଲ୍ୟାଣ ହେବ, ସେଥିରେ ଦୋଷ କ'ଣ ?

ପ୍ରଶ୍ନ : ଆମ୍ଭମାନଙ୍କର ଏହିସବୁ ପାଠଚକ୍ରର କାର୍ଯ୍ୟକ୍ରମ ଭଗବାନଙ୍କ ସଙ୍କଳ୍ପର ଅନୁକୂଳ ବୋଲି ଆମ୍ଭେମାନେ କିପରି ଜାଣିବୁ ?

ଉତ୍ତର : ଯଦି ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ ଭଗବାନଙ୍କ ସଙ୍କଳ୍ପ ଅନୁସାରେ ହୁଏ, ତେବେ ଆମ୍ଭ କାମ ଭଗବାନଙ୍କ ସଙ୍କଳ୍ପ ଅନ୍ତର୍ଗତ ହେବ, କାରଣ ପାଠଚକ୍ର ଆଶ୍ରମର ଶାଖା । ଶ୍ରୀଅରବିନ୍ଦ ଅନ୍ତରରେ ଭଗବାନଙ୍କ ଆଦେଶ ପାଇ ରାଜନୈତିକ କାର୍ଯ୍ୟ ଛାଡ଼ି ପଣ୍ଡିଚେରୀରେ ଆସି ସାଧନାରେ ରତ ହେବାହିଁ ସୂଚିତ କରୁଛି ଯେ ଶ୍ରୀଅରବିନ୍ଦ ଭଗବାନଙ୍କ ସଙ୍କଳ୍ପକୁ କାର୍ଯ୍ୟରେ ପରିଣତ କରୁଅଛନ୍ତି । ଏହାଛଡ଼ା ଭଗବାନ୍ ଏକ, ତାଙ୍କରି ଦ୍ୱାରା ସୃଷ୍ଟି ଆରମ୍ଭ ହୋଇ ବିକାଶ ମାର୍ଗରେ ଚାଲୁଅଛି । ଯେତେବେଳେ ଅଧର୍ମର ବୃଦ୍ଧି ହେତୁ ତାଙ୍କ ସଂସାରର ବିକାଶ କାର୍ଯ୍ୟରେ ବାଧାପଡ଼େ ସେତେବେଳେ ଭଗବାନ୍ ଅବତାର ନେଇ ଧର୍ମ ସଂସ୍ଥାପନା କରନ୍ତି । ଭଗବାନ୍ ସ୍ୱୟଂ ଗୀତାରେ କହିଛନ୍ତି –

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ॥
(ଅଧ୍ୟାୟ ୪ ଶ୍ଳୋ, ୭)

ଯେତେବେଳେ ଧର୍ମର ହାନି ଓ ଅଧର୍ମର ବୃଦ୍ଧି ହୁଏ ଭଗବାନ୍ ସ୍ୱୟଂ ଅଥବା ତାଙ୍କ ସଙ୍କଳ୍ପରେ ତାଙ୍କ ବିଭୂତି ଅବତାର ନିଅନ୍ତି । ସଂସାରର ବର୍ତ୍ତମାନ ଅବସ୍ଥାରୁ ନିଃସନ୍ଦିଗ୍ଧଭାବେ ସ୍ପଷ୍ଟ ହେଉଛି ଯେ ବର୍ତ୍ତମାନ ଏହି ଧର୍ମ-ଗ୍ଳାନି ସମୟରେ ନୂତନ ଅତିମାନସ ଧର୍ମ ଜଗତରେ ସ୍ଥାପନା କରିବା ସକାଶେ ଶ୍ରୀଅରବିନ୍ଦ ଆସି ଅଛନ୍ତି । ଏଣୁ ତାଙ୍କର ସମସ୍ତ କାର୍ଯ୍ୟ ହେଉଛି ଭଗବାନଙ୍କ ସଂକଳ୍ପ ଅନୁସାରେ । ପାଠକମାନଙ୍କୁ ମନେ ରଖିବାକୁ ହେବ ଶ୍ରୀଅରବିନ୍ଦଙ୍କ ଯୋଗ ପୃଥିବୀରେ ଗୋଟିଏ ଏକେବାରେ ନୂତନ ବସ୍ତୁସ୍ଥାପନା କରିବାରେ ପ୍ରୟାସୀ । ସେଥିପାଇଁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ବୁଲେଟିନ୍, ଅଗଷ୍ଟ ୧୯୬୨ (ପୃ. ୨୩ ରୁ ୨୯) ମା' ସ୍ପଷ୍ଟ ଭାବରେ କହିଛନ୍ତି, ''ଆମେ ପୁରାତନ ପଦ୍ଧତିର ନକଲ କରୁ ନାହୁଁ, ଗୋଟିଏ ପୂର୍ଣ୍ଣ ନୂତନ ବସ୍ତୁ ସଂସାରରେ ସ୍ଥାପନ କରିବାକୁ କର୍ମ କରୁଅଛୁ ।'' ପାଠକମାନଙ୍କୁ ସର୍ବଦା ମନେ ରଖିବାକୁ ହେବ ଯେ ଶ୍ରୀଅରବିନ୍ଦଙ୍କ ଆଦର୍ଶ ବ୍ୟକ୍ତିଗତ ନୁହେଁ, ଏହା ସମସ୍ତ ମାନବଜାତି ସକାଶେ । ଏହା ସାମ୍ପ୍ରଦାୟିକ

ସୀମାରୁ ସର୍ବଦା ମୁକ୍ତ । ସକଳ ସମ୍ପ୍ରଦାୟ, ସକଳ ଧର୍ମ, ସମଗ୍ର ମାନବସମାଜ, ସମସ୍ତେ ଚାହାନ୍ତି ଜୀବନ ଓ ଜଗତର ଉନ୍ନତି । ଶ୍ରୀଅରବିନ୍ଦଙ୍କ ଯୋଗରେ ତାହାହିଁ ସାଧିତ ହୁଏ । ଅତଏବ ଶ୍ରୀଅରବିନ୍ଦଙ୍କ ଆଦର୍ଶର ଦ୍ୱାର ପ୍ରତ୍ୟେକ ମାନବ ସକାଶେ ସର୍ବଦା ଉନ୍ମୁକ୍ତ ।